بِسۡمِ اللّٰہِ الرَّحۡمٰنِ الرَّحِیۡمِ

୫ ଜୁନ୍ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ]ଙ୍କ ସଚୋଟ ଦାସ ହଜରତ ମସିହ ମଉଦ[ଅ.ସ]ଙ୍କର ନମ୍ରତା ଓ ସରଳତା ଅବଲମ୍ବନ କରିବାର ଘଟଣାବଳୀ ଏବଂ ନିଜ ଜମାଅତକୁ ଏହି ମହତ ଗୁଣ ଆପଣାଇବାକୁ ଉପଦେଶର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଦ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ଗତ ଖୁତ୍‌ବାରେ ମୁଁ ହଜରତ ମସିହ ମଉଦ[ଅ.ସ]ଙ୍କ ନମ୍ରତା ଓ ସରଳତା ସ୍ୱଭାବ ସଂକ୍ରାନ୍ତରେ ଘଟଣାବଳୀ ଅବା ଉପଦେଶର ବର୍ଣ୍ଣନା କରିଥିଲି । ଆଜି ମଧ୍ୟ ସେଥି ପରିପ୍ରେକ୍ଷୀରେ କିଛି ଘଟଣାବଳୀର ଆଲୋଚନା କରିବି । ହଜରତ ଶେଖ୍ ମୁହମ୍ମଦ ଇସମାଇଲ୍ ସାହେବ[ର.ଅ] ବର୍ଣ୍ଣନା କରନ୍ତି; ହଜରତ ମସିହ ମଉଦ[ଅ.ସ]ଙ୍କର ଉତ୍ତମ ଚରିତ୍ରର ଅବସ୍ଥା ଏପରି ଥିଲା, ଯେ କାଦିୟାନର ଯେଉଁ ଲୋକମାନେ ସର୍ବଦା ହୁଜୁର[ଅ.ସ]ଙ୍କ ବିରୋଧ ଓ ଶତ୍ରୁତାରେ ମାତି ରହିଥିଲେ ଏବଂ କୌଣସି ପ୍ରକାରର ସୁଯୋଗକୁ ହାତଛଡା କରୁ ନଥିଲେ । ଏହା ସତ୍ତ୍ୱେ ଯେତେବେଳେ ବି ସେମାନେ ହୁଜୁର[ଅ.ସ]ଙ୍କ (ଠାରୁ ସାହାଯ୍ୟ) ନିମନ୍ତେ ମହାଭାଗଙ୍କ ଦ୍ୱାରରେ ହାଜର ହେଉଥିଲେ ସେତେବେଳେ ମହାଭାଗ ଖାଲି ପାଦରେ ଆସି ତାଙ୍କ ନିକଟରେ ପହଞ୍ଚୁ ଥିଲେ ଏବଂ (ସେମାନଙ୍କ) **ସଲାମ୍**ର ଉତ୍ତର ଦେଇ ସେମାନଙ୍କ କୁଶଳ ମଙ୍ଗଳ ବୁଝୁ ଥିଲେ, ଆଉ ସେମାନଙ୍କ ଆଗମନର କାରଣ ପଚାରୁ ଥିଲେ, ଯେ କେଉଁଥି ପାଇଁ ଆସିଲେ ? **ପୁଣି ଯେଉଁଭଳି (ସେମାନଙ୍କର) ଆବଶ୍ୟକତା ରହିଥିଲା, ତା'ଠାରୁ ଅଧିକ ଦାନ କରୁଥିଲେ** ।

ହଜରତ ମୌଲବୀ ଶେର୍ ଅଲୀ ସାହେବ[ର.ଅ] ଏକଦା କହିଲେ; ମିରାଁ ବଖଶ୍ ସୌଦାଈ ଜଣେ ବିକୃତ ମସ୍ତିଷ୍କ ବ୍ୟକ୍ତି ଥିଲେ । ଦିନେ ହୁଜୁର[ଅ.ସ] ମସଜିଦ୍ ଅକ୍‌ସାରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଅତି ଅଶଭ୍ୟ ଓ ଅଭଦ୍ର ଶବ୍ଦରେ ଡ଼ାକି ଟଙ୍କା ମାଗିଲା, ତଥାପି ହୁଜୁର[ଅ.ସ] ନିଜ ରୁମାଲ୍‌ରୁ ଚାରି ଅବା ଆଠ ଅଣା କାଢ଼ି ତାକୁ ପ୍ରଦାନ କଲେ ଓ ସେ ଖୁସି ହୋଇ ସେଠାରୁ ଚାଲିଗଲା । ମାଷ୍ଟର ନଜିର୍ ହୁସେନ୍ ସାହେବ ବର୍ଣ୍ଣନା କରନ୍ତି, ମୁଁ ଯେତେବେଳେ ବି ନିଜ ପିତାଙ୍କ ସହିତ କାଦିୟାନ ଆସେ ଓ ଆମ ଆଗମନର ସୂଚନା ହୁଜୁର[ଅ.ସ]ଙ୍କୁ ଦିଆଯାଏ ଯେ ହକିମ୍ ମରହମେ ଇସା ସାହେବ ଆସିଛନ୍ତି, ସେତେବେଳେ ମୁଁ ଦେଖେ ଯେ ହୁଜୁର[ଅ.ସ] ସଙ୍ଗେସଙ୍ଗେ ଆମ ନିକଟକୁ ଚାଲି ଆସନ୍ତି ଓ ସ୍ୱୟଂ କିଛି ନା କିଛି ଖାଇବା ନେଇ ଆସନ୍ତି । ହୁଜୁର[ଅ.ସ] ଏପରି ବିନମ୍ରତାର ସହ ଅତିଥିମାନଙ୍କୁ ସାକ୍ଷାତ କରନ୍ତି, ଯେ ମୁଁ ଅନେକ ସମୟରେ ଦେଖେ ହୁଜୁର[ଅ.ସ]ଙ୍କ ପବିତ୍ର ହସ୍ତରେ କଲମ ରହିଥାଏ ଓ କେତେକ ସମୟରେ ଆମକୁ ସାକ୍ଷାତ କରିବା ସକାଶେ ଖାଲି ପାଦରେ ଚାଲି ଆସିଥା'ନ୍ତି ଅର୍ଥାତ୍ ହୁଜୁର[ଅ.ସ] ଯେପରି ଅବସ୍ଥାରେ ରହିଥା'ନ୍ତି ସେହି ଅବସ୍ଥାରେ (ଭେଟ କରିବାକୁ) ଚାଲି ଆସନ୍ତି ।

ହଜରତ ମୁଫ୍‌ତି ମୁହମ୍ମଦ ସାଦିକ୍ ସାହେବ କୁହନ୍ତି, ଏକଦା ମୁଁ ଲାହୋର୍‌ରୁ କାଦିୟାନ ଆସିଥିଲି । ହୁଜୁର[ଅ.ସ] ମୋତେ ମସଜିଦ୍ ମୁବାରକ୍‌ରେ ବସାଇ କହିଲେ; ଏହିଠାରେ ବସିଥା'ନ୍ତୁ ମୁଁ ଆପଣଙ୍କ ପାଇଁ କିଛି ଖାଇବା ନେଇ ଆସୁଛି । ଆଉ କିଛି କ୍ଷଣରେ ସ୍ୱୟଂ ମୋ ସକାଶେ ଏକ ବଡ ପ୍ଲେଟ୍‌ରେ ଖାଦ୍ୟ ନେଇ ଆସିଲେ ଓ କହିଲେ; ମହାଶୟ

ଆପଣ ସେବନ କରନ୍ତୁ, ମୁଁ ପାନୀୟ ନେଇ ଆସୁଛି । ମୁଫ୍‌ତି ସାହେବ କୁହନ୍ତି; ଏହା ଦେଖି ମୋ ଚକ୍ଷୁରୁ ଅନବରତ ଅଶ୍ରୁଧାର ଝରି ପଡିଲା । ହଜରତ ମୁନ୍‌ସି ଜଫର୍ ଅହମଦ ସାହେବ କପୁରଥଲୱୀ ବର୍ଣ୍ଣନା କରନ୍ତି; ହୁଜୁର[ଅ.ସ] କଦାପି କବାଟ ଖୋଲା ରଖି ବସୁ ନଥିଲେ ଅର୍ଥାତ୍ ମହାଭାଗ ସର୍ବଦା ଦ୍ୱାର ବନ୍ଦ କରି ବସୁଥିଲେ । ସେ କୁହନ୍ତି; ଏକଦା ମୁଁ ହୁଜୁର[ଅ.ସ]ଙ୍କ ନିକଟରେ ବସିଥିଲି ଯେ ସ୍ୱଳ୍ପ ସମୟ ବ୍ୟବଧାନରେ ହଜରତ ମିଆଁ ମେହମୁଦ୍ ଅହମଦ ସାହେବ ଆସି ଦ୍ୱାର ପିଟି କହୁଥିଲେ ଅବ୍‌ବା କବାଟ ଖୋଲ, ହୁଜୁର[ଅ.ସ] ସଙ୍ଗେସଙ୍ଗେ ଉଠି କବାଟ ଖୋଲି ଦେଉଥିଲେ । ଏକଦା ମୁଁ ହୁଜୁର[ଅ.ସ]ଙ୍କ ସେବାରେ ଉପସ୍ଥିତ ହେଲି ସେତେବେଳେ ମହାଭାଗ ଏକ ବସ୍ତା ଉପରେ ବସିଥିଲେ, ମୋତେ ଦେଖି ପଲଙ୍କ ଉଠାଇବାକୁ ଲାଗିଲେ, ଏହା ଦେଖି ମୁଁ କହିଲି ହୁଜୁର ମୋତେ ଦିଅନ୍ତୁ ମୁଁ ତାହାକୁ ଭିତରକୁ ନେଇଯାଉଛି । ମହାଭାଗ କହିଲେ; ନା, ଏହା ଖୁବ୍ ଭାରି ଆପଣ ଉଠାଇ ପାରିବେ ନାହିଁ । ଅତଏବ ହୁଜୁର ଗୃହରେ ପଲଙ୍କ ରଖି ମୋତେ କହିଲେ; ଏଥିରେ ଆପଣ ବସନ୍ତୁ । ମୋତେ କିନ୍ତୁ ତଳେ ବସିବାକୁ ଭଲ ଲାଗେ, ତେଣୁ ମୁଁ ତଳେ ବସିବି । ପୁନଶ୍ଚ ମୋତେ ଶୋଷ ଲାଗିବାରୁ ମହାଭାଗ କହିଲେ; ମୁଁ ଭିତରୁ ଗ୍ଲାସ ନେଇ ଆସୁଛି । ତହୁଁ ଭିତରକୁ ଯାଇ ହୁଜୁର ଶରବତ୍‌ର ଦୁଇଟି ବୋତଲ ନେଇ ଆସିଲେ, ଯାହାକି କେହି ଜଣେ ମଣିପୁରରୁ ପଠାଇ ଥିଲେ । ସେଥିଅନ୍ତେ ମହାଭାଗ କହିଲେ; ଏହି ବୋତଲ ଦୁଇଟି ବହୁ ଦିନ ଦେଲା ରଖାଯାଇଛି, କାରଣ ମୁଁ ମାନସିକ କରିଥିଲି ଯେ ପ୍ରଥମେ କୌଣସି ବନ୍ଧୁକୁ ଡ଼କାଇ ଏହା ତାଙ୍କୁ ପିଆଇବି ତା'ପରେ ଯାଇ ନିଜେ ପାନ କରିବି । ତେବେ ହୁଜୁର ମୋତେ ଏକ ଗ୍ଲାସ ଶରବତ୍ ଦେଲେ । ମୁଁ କହିଲି ହୁଜୁର ଏଥିରୁ କିଛି ଆପଣ ପାନ କରନ୍ତୁ, ମହାଭାଗ କିଛି ପାନ କଲେ । ମୁଁ ଶରବତ୍ ପାନ କରି ପ୍ରଶଂସା କଲି, ହୁଜୁର କହିଲେ; 'ଆପଣ ଗୋଟିଏ ବୋତଲ (ନିଜ ଘରକୁ) ନେଇଯାନ୍ତୁ । ଆଉ ଅନ୍ୟ ବୋତଲଟିକୁ ନେଇ ବାହାରେ ବସିଥିବା ଅତିଥିମାନଙ୍କୁ ପିଆଇ ଦିଅନ୍ତୁ ।'

ଏକଦା ଯୁଗାବତାର ହଜରତ ମସିହ ମଉଦ[ଅ.ସ]ଙ୍କୁ ସାକ୍ଷାତ କରିବା ସକାଶେ ଲାହୋର୍‌ରୁ କିଛି ମାନ୍ୟଗଣ ଅତିଥି ଆସିଥିଲେ, ଯାହାଙ୍କ ମଧ୍ୟରେ ଡ଼ାଃ. ଅଲ୍ଲାମା ଇକବାଲ୍ ଓ ସର୍ ଶାହାବୁଦ୍ଦିନ୍ ସାହେବ ଆଦି ସାମିଲ ଥିଲେ । ଏହି ସାକ୍ଷାତ ସଂକ୍ରାନ୍ତରେ ବାବୁ ଗୁଲାମ୍ ମୁହମ୍ମଦ ସାହେବ ବର୍ଣ୍ଣନା କରନ୍ତି; ରାତ୍ର ଭୋଜନ ପରେ ଯେତେବେଳେ ଖଟିଆ ବଣ୍ଟନ ହେଲା ସେତେବେଳେ ମୁଁ ଏକ ମଜବୁତ୍ ଓ ବଡ ଖଟିଆ ବାଛି ନେଲି । କିନ୍ତୁ ଚୌଧରୀ ଶାହାବୁଦ୍ଦିନ୍ ସାହେବ ମୋ ଖଟିଆଟିକୁ ନିଜ ଅଧୀନ କରିନେଲେ । ତା'ପରେ ହୁଜୁର[ଅ.ସ] ଆସି ପଚାରିଲେ, କାହାରିକୁ କିଛି ଅସୁବିଧା ତ ନାହିଁ । ସଭିଏଁ କହିଲେ; ନା ହୁଜୁର କିଛି ଅସୁବିଧା ନାହିଁ । କିନ୍ତୁ ଯେତେବେଳେ ହୁଜୁର ମୋ ନିକଟକୁ ଆସିଲେ, ମୁଁ ଦୁଃଖିତ ଥିଲି, କାରଣ ମୋ ଖଟିଆ ଶାହାବୁଦ୍ଦିନ୍ ସାହେବ ହଡପ କରି ନେଇଥିଲେ । ତେବେ ମୋତେ ଦେଖି ହୁଜୁର କହିଲେ; ବ୍ୟସ୍ତ ହୁଅନ୍ତୁ ନାହିଁ ମୁଁ ଭିତରୁ ଆପଣଙ୍କ ପାଇଁ ଖଟିଆ ନେଇ ଆସୁଛି । କିନ୍ତୁ ଅନେକ ସମୟ ଅତିବାହିତ ହୋଇଗଲା ପରେ ବି କେହି ଆସିଲେ ନାହିଁ, ତେଣୁ ମୁଁ ଭିତରକୁ ଟିକିଏ ଉଣ୍ଡିଲି । **କ'ଣ ଦେଖିଲି ଯେ ଜଣେ ବ୍ୟକ୍ତି ଅତି ଶୀଘ୍ରତା ପୂର୍ବକ ଖଟିଆଟିଏ ବୁଣୁଛନ୍ତି ଏବଂ ହୁଜୁର[ଅ.ସ] ତାହା ନିକଟରେ ପ୍ରଦୀପ ଧରି ବସିଛନ୍ତି** । ହୁଜୁର[ଅ.ସ]ଙ୍କର ଏହି ଅବସ୍ଥା ଦେଖି ମୋତେ ଲଜ୍ଜା ଲାଗିଲା । ବସ୍ତୁତଃ ମୁଁ କହିଲି, ହୁଜୁର ପ୍ରଦୀପଟିକୁ ମୋତେ ଦେଇ ଦିଅନ୍ତୁ, ମୁଁ ଧରି ନେଉଛି । ହୁଜୁର[ଅ.ସ] କହିଲେ; ଆଉ ତ ମାତ୍ର ଗୋଟିଏ ଧାଡ଼ି ବୁଣିବା ବାକି ରହିଲା । ମହାଭାଗଙ୍କର ଏହି ଆଚରଣ ଦେଖି ମୋ ଚକ୍ଷୁରୁ ଅଶ୍ରୁଧାର ବହି ପଡିଲା ।

ହଜରତ ମୌଲବୀ ଅବ୍ଦୁଲ୍ କରିମ୍ ସିଆଲକୋଟୀ ସାହେବ ବର୍ଣ୍ଣନା କରନ୍ତି, ସମ୍ଭବତଃ ୧୮୯୬ମସିହା ଜୁନ୍ ମାସର କଥା, ସେତେବେଳେ ଭିତର ଗୃହ ନୂଆ ନୂଆ ତିଆରୀ ହୋଇଥିଲା, ଦ୍ୱିପହର ସମୟରେ ସେଠାରେ ଖଟିଆ ପଡିଥିଲା । ତେଣୁ ମୁଁ ସେଥିରେ ବିଶ୍ରାମ କଲି, ହୁଜୁର[ଅ.ସ] ସେଠାରେ ବିଚରଣ କରୁଥିଲେ । ଯେତେବେଳେ ମୋର ନିଦ୍ରା ଭାଙ୍ଗିଲା, ମୁଁ ଦେଖିଲି ହୁଜୁର ମୋ ଖଟିଆ ତଳେ ଶୋଇଛନ୍ତି । ମୁଁ ବ୍ୟସ୍ତ ବିବ୍ରତ ହୋଇ ଉଠି ବସିଲି । ମୋତେ ଦେଖି ମହାଭାଗ କହିଲେ; ଉଠିଲେ କାହିଁକି । ମୁଁ କହିଲି ମୋର ମୁନିବ ଚଟାଣରେ ଶୋଇଛନ୍ତି, ମୁଁ କିପରି

ବା ଉପରେ ଶୋଇ ପାରିବି ? ହୁଜୁର[ଅ.ସ] ସ୍ମିତ ହାସ୍ୟ ପ୍ରକାଶ କରି କହିଲେ; ମୁଁ ତ ଆପଣଙ୍କର ପହରା ଦେଉଥିଲି, ଏଠାରେ ପିଲାମାନେ ଚିତ୍କାର କରୁଥିଲେ । ଆଉ ମୁଁ ସେମାନଙ୍କୁ ସେପରି କରିବାକୁ ବାରଣ କରୁଥିଲି, ଯେପରି ଆପଣଙ୍କ ନିଦ ଭାଙ୍ଗି ନଯିବ । ହଜରତ ମୁନ୍‌ସୀ ଇମାମୁଦ୍ଦିନ୍ ସାହେବ ବର୍ଣ୍ଣନା କରନ୍ତି, ୧୮୯୪ମସିହାରେ ମୁଁ ଯୁଗାବତାରଙ୍କ ପବିତ୍ର ହସ୍ତରେ **ବୈଅତ୍** କରିବାର ସୌଭାଗ୍ୟ ଅର୍ଜନ କଲି । ସନ୍ଧ୍ୟା କାଳୀନ ନମାଜରେ ମୁନ୍‌ଶୀ ଅବ୍ଦୁଲ୍ ଅଜିଜ୍ ସାହେବ ମୋ ସାଥିରେ ଥିଲେ । ନମାଜ ପାଠ କରିବା ପରେ ମୁନ୍‌ଶୀ ସାହେବ ମୋ ଆଡ଼କୁ ଇଙ୍ଗିତ କରି ହୁଜୁର[ଅ.ସ]ଙ୍କୁ କହିଲେ; ହୁଜୁର ! ଆଙ୍କର **ବୈଅତ୍** ନେଇ ନିଅନ୍ତୁ । ସୁତରାଂ ହୁଜୁର କହିଲେ; ଭିତରକୁ ଆସନ୍ତୁ । ମୁଁ ଭିତରକୁ ଅର୍ଥାତ୍ **ବୈତୁଲ୍ ଫିକର୍**କୁ ଏକାକୀ ଚାଲିଗଲି । ହୁଜୁର[ଅ.ସ] ମୋତେ ଖଟିଆର ମୁଣ୍ଡ ପାଖରେ ବସାଇଲେ ଓ ପାଦ ପାର୍ଶ୍ୱରେ ସ୍ୱୟଂ ବସି ପଡିଲେ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ମୋର ତ ଅବସ୍ଥା ଏପରି ଯେ ଯଦି କାହାରିକୁ କଷ୍ଟ ପହଁଞ୍ଚେ ଓ ସେହି ସମୟରେ ମୁଁ ନମାଜ ପାଠ କରୁଥାଏ ଏବଂ ତାର ସ୍ୱର ମୋତେ ଶୁଣାଯାଏ ତେବେ ମୁଁ ଏହା ପସନ୍ଦ କରେ ଯେ ନମାଜ ଭଙ୍ଗ କରି, ତାର ସାହାଯ୍ୟ କରିଦିଏ । ଆଉ ଯେଭଳି ସମ୍ଭବ ତାହା ସହିତ ସହାନୁଭୂତି ପ୍ରଦର୍ଶନ କରିବି । ଦେଖ ଏହା ଉତ୍ତମ ସ୍ୱଭାବ ବିପରୀତ ଯେ କୌଣସି ଭାଇର ବିପତ୍ତି ଓ ଦୁଃଖ ସମୟରେ ତାହାକୁ ସାହାଯ୍ୟ ଯୋଗାଇ ଦେବାରୁ ବିରତ ରହିବା । ଯଦି ତୁମେ ତାହା ପାଇଁ କିଛି ବି ନକରିପାର ତେବେ ଅତି କମ୍‌ରେ ଦୁଆ ତ କର । **ନିଜ ପରିଜନଙ୍କର ତ ଛାଡ଼ ମୁଁ ତ କହୁଛି ପର ଓ ହିନ୍ଦୁମାନଙ୍କ ସହିତ ମଧ୍ୟ ଏପରି ଉତ୍ତମ ଆଚରଣ କର ତଥା ତାଙ୍କ ପ୍ରତି ଦୟା ଓ ସହାନୁଭୂତି ପ୍ରଦର୍ଶନ କର, କଦାପି କଠୋର ଆଚରଣ ପ୍ରଦର୍ଶନ କର ନାହିଁ ।** ହଜରତ ମିର୍ଜା ବଶିର୍ ଅହମଦ ସାହେବ ବର୍ଣ୍ଣନା କରନ୍ତି; ହୁଜୁର[ଅ.ସ] ଯେତେବେଳେ କାହାରି ସହ ଭେଟ କରନ୍ତି, ଅତି ପ୍ରସନ୍ନ ଚିତ୍ତର ସହିତ ମିଳନ୍ତି । ଯେପରି ତାହାର ସମସ୍ତ କ୍ଲାନ୍ତ ଦୂର ହୋଇଯିବ । ହୁଜୁର[ଅ.ସ]ଙ୍କ ସ୍ମିତ ହାସ୍ୟ ପ୍ରକଟ କରିବା ଦେଖି ପ୍ରତ୍ୟେକ ଅହମଦି ଏହା ଅନୁଭବ କରୁଥିଲା ଯେ ମହାଭାଗଙ୍କ ବୈଠକରେ ସାମିଲ ହେଲେ ହୃଦୟର ସକଳ ଦୁଃଖ, ଯନ୍ତ୍ରଣା ଉଭାନ ହୋଇଯାଏ । ହୁଜୁର[ଅ.ସ]ଙ୍କର ଏହି ଅଭ୍ୟାସ ଥିଲା, ଯେ ଛୋଟରୁ ଛୋଟ ବ୍ୟକ୍ତିର କଥା ବି ବେଶ ଧ୍ୟାନ ପୂର୍ବକ ଶୁଣୁ ଥିଲେ ଓ ଅତି ପ୍ରୀତି ଭାବର ସହ ତାହାର ଉତ୍ତର ଦେଉଥିଲେ । ଏପରିକି ପ୍ରତ୍ୟେକ ବ୍ୟକ୍ତି ଏହା ହୃଦୟଙ୍ଗମ କରୁଥିଲା, ଯେ ହୁଜୁର ତାହାକୁ ହିଁ ବହୁତ ଭଲ ପାଆନ୍ତି । ଅନେକ ସମୟରେ ବୈଠକରେ କେତେକ ଲୋକ ବିଳମ୍ବିତ ସମୟ ପର୍ଯ୍ୟନ୍ତ ନିଜର କଥା ଶୁଣାଇ ଚାଲିଥା'ନ୍ତି, ଏହା ସତ୍ତ୍ୱେ ହୁଜୁର[ଅ.ସ] ସେମାନଙ୍କର ସମସ୍ତ କଥା ନିରବତାର ସହିତ ଶୁଣିଥା'ନ୍ତି । କଦାପି କାହାରିକୁ କହି ନାହାନ୍ତି ଯେ, ଏବେ ବାସ୍ କର । ଏକଦା ହୁଜୁର[ଅ.ସ]ଙ୍କ ସେବାରେ ଜଣେ ବ୍ୟକ୍ତି ଉପସ୍ଥିତ ହେଲା, ସେ ନତମସ୍ତକ ହୋଇ ଆପଣଙ୍କ ଚରଣ ସ୍ପର୍ଶ କରିବାକୁ ଚାହିଁଲା । କିନ୍ତୁ ହୁଜୁର[ଅ.ସ] ନିଜ ହାତ ମାଧ୍ୟମରେ ତାହାକୁ ଅଟକାଇ ଦେଲେ ଓ କହିଲେ; ଏପରି କରିବା ଠିକ୍ ନୁହେଁ । ଦେଖ (କାହାରିକୁ ସାକ୍ଷାତ କଲେ) **ଅସ୍‌ସଲାମୁ ଆଲୈକୁମ୍** କହିବ ଓ ତାଙ୍କ ସହ କରମର୍ଦ୍ଦନ କରିବା ଉଚିତ୍ ।

ଜଣେ ବ୍ୟକ୍ତି ଯିଏକି ଫକିର (ସାଧୁସନ୍ଥ) ଓ ଧାର୍ମିକ ବିଦ୍ୱାନମାନଙ୍କର ଅନୁରାଗୀ ଥିଲା, ଆମ ମସଜିଦ୍‌କୁ ଆସିଲା ଏବଂ ଲୋକମାନଙ୍କୁ ସ୍ୱାଧୀନ ଭାବରେ କଥାବାର୍ତ୍ତା କରୁଥିବାର ଦେଖି ଆଚମ୍ବିତ ହୋଇଗଲା । ତହୁଁ ସେ ହୁଜୁର[ଅ.ସ]ଙ୍କୁ ଯାଇ କହିଲା ଆପଣଙ୍କ ମସଜିଦ୍‌ରେ **ଅଦବ୍** (ଶିଷ୍ଟାଚାର) ରକ୍ଷା କରୁ ନାହାନ୍ତି । ଲୋକମାନେ ନିର୍ଦ୍ଦ୍ୱନ୍ଦରେ ମସଜିଦ୍‌ରେ ମହାଭାଗଙ୍କ ସହ ବାର୍ତ୍ତାଳାପ କରୁଛନ୍ତି । ପ୍ରତିଉତ୍ତରରେ ହୁଜୁର[ଅ.ସ] କହିଲେ; ମୋର ଏହି ସିଦ୍ଧାନ୍ତ ନୁହେଁ, ଯେ ମୁଁ କଠୋର ସ୍ୱଭାବୀ ଓ ଭୟଙ୍କର ପାଲଟି ଯିବି ଯାହାକୁ ଲୋକମାନେ ଏପରି ଭୟ କରିବେ ଯେପରି ହିଂସ୍ର ଜୀବଙ୍କୁ ଭୟ କରିଥା'ନ୍ତି । ଆଉ ମୁଁ ପ୍ରତିମା ପରି ହେବାକୁ ଭୀଷଣ ଘୃଣା କରେ । କାରଣ ମୁଁ ତ ପ୍ରତିମା ପୂଜାକୁ ରଦ୍ଦ କରିବା ସକାଶେ ଆସିଛି, ନା କି ମୁଁ ନିଜେ ହିଁ ପ୍ରତିମା ପାଲଟି ଯିବି ଓ ଲୋକମାନେ ମୋର ପୂଜା କରିବାକୁ ଲାଗିବେ । ପରାକ୍ରମୀ ଅଲ୍ଲାଃ ଭଲ ରୂପେ ଜାଣନ୍ତି, **ଯେ ମୁଁ ନିଜକୁ ଅନ୍ୟମାନଙ୍କ ଉପରେ ତିଳେ ମାତ୍ର ପ୍ରାଧାନ୍ୟ ଦେଉ ନାହିଁ ।** ମୋ ବିଚାରରେ ଗର୍ବ ଓ ଅହଂକାର ଠାରୁ ବଳି ଅନ୍ୟ କେହି ପ୍ରତିମା ପୂଜକ ତଥା ଦୁର୍ଜନ ନାହିଁ ।

ମନେରଖ ଅହଂକାରୀ କୌଣସି ଈଶ୍ୱରଙ୍କର ଉପାସନା କରି ନଥାଏ, ବରଂ ସେ ନିଜର ହିଁ ଉପାସନା କରେ । ହଜରତ ଶେଖ୍ ଅବ୍ଦୁଲ୍ କାଦିର୍ ସାହେବ[ର.ଅ] ଉଲ୍ଲେଖ କରିଛନ୍ତି; ହଜରତ ମିର୍ଜା ସୁଲତାନ୍ ଅହମଦ ସାହେବ ବର୍ଣ୍ଣନା କରନ୍ତି, ମୋ ପିତା ନିଜର ସାରା ଜୀବନ ଜଣେ ମୋଗଲ୍ ପରି ନୁହେଁ, ବରଂ ଜଣେ ଦୀନହୀନ ପରି ଅତିବାହିତ କରିଛନ୍ତି ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଧର୍ମନିଷ୍ଠଙ୍କ ସକାଶେ ଏହା ସର୍ତ୍ତ ଯେ ସେମାନେ ନିଜ ଜୀବନ ଦରିଦ୍ର ଓ ନିଃସ୍ୱ ଲୋକମାନଙ୍କ ପରି ବ୍ୟତୀତ କରନ୍ତୁ । ଏହା ଧର୍ମନିଷ୍ଠତାର ଏକ ଶାଖା, ଯାହା ମାଧ୍ୟମରେ ଆମମାନଙ୍କୁ ଅନୁଚିତ୍ କ୍ରୋଧ ଓ ଦ୍ୱେଷ ଭାବର ମୁକାବିଲା କରିବାର ଅଛି । ବଡ ବଡ ବିଦ୍ୱାନ ଓ ସତ୍ୟବାଦୀଙ୍କ ସକାଶେ ଶେଷ ସୋପାନ ଏହି କ୍ରୋଧରୁ ବର୍ତ୍ତି ରହିବା ନିର୍ଦ୍ଦିଷ୍ଟ ହୋଇଛି । ଗର୍ବ ଓ ଅହଂକାର କ୍ରୋଧରୁ ହିଁ ଉତ୍ପନ୍ନ ହୋଇଥାଏ ଏବଂ ଏହିପରି କଦାଚିତ କ୍ରୋଧ ହିଁ ଗର୍ବ ଓ ଅହଂକାରର ପରିଣାମ ହୋଇଥାଏ । କାରଣ ମନୁଷ୍ୟ ସେତେବେଳେ ଉତ୍ୟକ୍ତ ହୋଇଥାଏ ଯେତେବେଳେ ସେ ଅନ୍ୟ ଉପରେ ନିଜକୁ ପ୍ରାଧାନ୍ୟ ଦେଇଥାଏ । ମୁଁ ଏହା ଚାହୁଁ ନାହିଁ, ଯେ ମୋ ଜମାଅତର ଲୋକମାନେ ଆପୋସରେ ପରସ୍ପରକୁ ଛୋଟ ବା ବଡ ମନେ କରନ୍ତୁ । ଅଥବା ନିଜର ଆତ୍ମ ବଡିମା କରି ଅନ୍ୟକୁ ନୀଚ ମନେ କରନ୍ତୁ । **ମନେରଖ ! ଈଶ୍ୱର ଜାଣନ୍ତି ଯେ ବଡ କିଏ ଓ ଛୋଟ କିଏ** । ଅନେକ ଲୋକ ବିଶିଷ୍ଟ ଲୋକମାନଙ୍କୁ ସାକ୍ଷାତ କରିବା ସମୟରେ ଅତି ଭଦ୍ର, ଶାଳିନତା ଓ ଶିଷ୍ଟାଚାର ପ୍ରଦର୍ଶନ କରିଥା'ନ୍ତି । କିନ୍ତୁ ବଡ ସେହି ବ୍ୟକ୍ତି ଯିଏ ଯେ ଅଭାବୀ ଓ ଗରିବ ଲୋକମାନଙ୍କର କଥା ମଧ୍ୟ ଅତି ବିନମ୍ର ଓ ଧୈର୍ଯ୍ୟର ସହ ଶୁଣିଥାଏ । ଆଉ ତାହା ପ୍ରତି ସମ୍ମାନ ପ୍ରଦର୍ଶନ କରେ ଏବଂ ମୁହଁରୁ କୌଣସି ପ୍ରକାର ବିତୃଷ୍ଣା ଭାବ ପ୍ରକାଶ କରେ ନାହିଁ । ଯଦ୍ୱାରା ତାହାର ମନ ଦୁଃଖ ହେବ । ଦେଖ ଅଲ୍ଲାଃତାଲା କହିଛନ୍ତି; **ୱଲା ତନାବଜୁ ବିଲ୍ ଅଲ୍‌କାବ୍ ବିସା ଇସ୍‌ମୁଲ୍ ଫୁସୁକୁ ବାଦଲ୍ ଇମାନ୍ ୱମଲ୍ ଲମ୍‌ୟତୁବ୍ ଫାଉଲାଇକା ହୁମୁଯ୍ ଯାଲିମୁନ୍** (ହୁଜୁରାତ୍ 49:12) ଅର୍ଥାତ୍ ତୁମେ ଅନ୍ୟକୁ ବିଦ୍ରୁପାତ୍ମକ ନାମରେ ଡ଼ାକ ନାହିଁ । କାରଣ ଏହା ଅସଭ୍ୟ ଓ ଦୁରାଚାରୀମାନଙ୍କର କାର୍ଯ୍ୟ । ଯେଉଁ ବ୍ୟକ୍ତି କାହାରିକୁ ଏପରି ପରିହାସ ଓ ତାଚ୍ଛଲ୍ୟ କରେ ସେ ସେପର୍ଯ୍ୟନ୍ତ ମୃତ୍ୟୁବରଣ କରିବ ନାହିଁ, ଯେପର୍ଯ୍ୟନ୍ତ ସେ ନିଜେ ସେଥିରେ ନିପତିତ ହୋଇ ନାହିଁ । ନିଜ ଭାଇକୁ ତୁଚ୍ଛ ମଣି ହେୟ ଜ୍ଞାନ କର ନାହିଁ । ଯେତେବେଳେ ତୁମେ ସମସ୍ତେ ଗୋଟିଏ ନିର୍ଝରରୁ ଜଳ ପାନ କରୁଅଛ ତେବେ କିଏ ବା ଜାଣେ ଯେ କାହା ଭାଗ୍ୟରେ ଅଧିକ ଜଳ ପାନ କରିବା ନିୟତ ରହିଛି ।

ଅଲ୍ଲାଃତାଲା ଆମମାନଙ୍କୁ ବାସ୍ତବରେ ନମ୍ରତା ଓ ଶାଳୀନତା ଅବଲମ୍ବନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଯୁଗାବତାର ହଜରତ ମସିହ ମଉଦ[ଅ.ସ]ଙ୍କର **ବୈଅତ୍** କରି ଆମେ ପ୍ରକୃତ ଇସଲାମୀୟ ଶିକ୍ଷାର ପାଳନକାରୀ ହେଉ ଏବଂ ଏହାର କର୍ତ୍ତବ୍ୟ ସମ୍ପାଦନକାରୀ ସାବ୍ୟସ୍ତ ହେଉ । **ଆମିନ୍** ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଈଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଈଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

★★★ ★★★ ★★★

Khulasa Khutba Juma Huzoor Anwar a.b.a

5th June 2026

*Translated to Odia by :* Moulavi Anwar Ahmad Khan